ପଞ୍ଚତନ୍ତ୍ର କାହାଣୀ

୩ୟ



ପଞ୍ଚତନ୍ତ୍ରର କାହାଣୀ

[ତୃତୀୟ ଭାଗ]

ଶ୍ରୀ ଚନ୍ଦ୍ରଶେଖର ମିଶ୍ର

ଗାୟତ୍ରୀ ପ୍ରକାଶିନୀ

Digitized by srujanika@gmail.com

ପ୍ରକାଶକ : ଗାୟତ୍ରୀ ପ୍ରକାଶିନୀ, ସୂତାହାଟ, କଟକ

ମୁଦ୍ରକ : ଅପ୍‌ଟିମା ଅଫ୍‌ସେଟ୍ ପ୍ରିଣ୍ଟସ୍, ସୂତାହାଟ, କଟକ

ନୂତନ ସଂସ୍କରଣ : ୧୯୯୬

ମୂଲ୍ୟ : ଟ. ୮.୦୦

ସୂଚୀ

୧.	ଭାଗ୍ୟରେ ଥିଲେ ମିଳେ	୩
୨.	କାହାରି ଅପକାର କରନାହିଁ	୭
୩.	ବୁଦ୍ଧିପାଖେ ବଳ ହାରମାନିଲା	୧୦
୪.	ଠକର ମିଠା କଥାକୁ ସାବଧାନ	୧୪
୫.	ତିନିତୁଣ୍ଡରେ ଛେଳି କୁକୁର	୧୬
୬.	ଦଳ ପାଖେ ବଳ ହାରେ	୧୯
୭.	ସ୍ୱାର୍ଥପର ହେବାର ପରିଣାମ	୨୦
୮	ଧାର୍ମିକ କପୋତ କପୋତୀ	୨୨
୯.	ଯାହା ପାଇଁ ଯିଏ	୨୬
୧୦.	ବାଘ ଚମଡ଼ାରେ ଗଧ ମଲା	୩୦

Digitized by srujanika@gmail.com

ଭାଗ୍ୟରେ ଥିଲେ ମିଳେ

ଗୋଟିଏ ଗାଁରେ ଜଣେ ତନ୍ତୀ ଥିଲା । ସେ ଅତି ସୁନ୍ଦର ଲୁଗା ବୁଣିପାରୁଥିଲା । ତଥାପି ତା'ର ଭଲ ରୋଜଗାର ହେଉ ନ ଥାଏ । ସେ ଅତି କଷ୍ଟରେ ଚଳୁଥାଏ । ସେଇ ଗାଁରେ ଆଉ କେତେ ଜଣ ତନ୍ତୀ ମଧ୍ୟ ରହିଥିଲେ । ସେମାନେ ଭଲ ବୁଣାବୁଣି କରିପାରୁନଥିଲେ, କିନ୍ତୁ ସେମାନଙ୍କର ଅଧିକ ରୋଜଗାର ହେଉଥିଲା । ସେମାନେ ଭଲରେ ଚଳୁଥିଲେ ।

ତନ୍ତୀଟିର ଭଲ ରୋଜଗାର ନ ହେବାରୁ ସେ ମନରେ ବିଚାରକଲା – ପାଖ ଦେଶକୁ ଯାଇ ଲୁଗା ବେପାର କରିବ । ସେ ପାଖ ଦେଶକୁ ଚାଲିଯାଇ ସେଇ ଦେଶର ଏକ ସହରରେ ରହିଲା । ସେଇ ସହରରେ ସେ ତିନିବର୍ଷ ରହି ବେପାର କଲା । ସେଥିରେ ତା'ର ତିନିଶହ ସୁନାମୋହର ଲାଭହେଲା । ସେ ସେତକ ନେଇ ଘରକୁ ଫେରିଆସୁଥିଲା ।

ଫେରିବା ବାଟରେ ଗୋଟେ ଜଙ୍ଗଲ ପଡ଼ିଲା । ଜଙ୍ଗଲ ଭିତରେ ଯାଉ ଯାଉ ରାତି ହେଲା । ବାଘ ଭାଲୁଙ୍କ ଭୟରେ ସେ ଏକ ଗଛର ଡାଳ ଉପରେ ବସି ରାତିଟି କଟାଇଲା । ସେ ସକାଳୁ ଉଠି ଦେଖିଲା ଯେ ତା'ର ଗଣ୍ଠିଲିରେ ସୁନାମୋହରତକ ନାହିଁ । ସେ ଶୋଇ ପଡ଼ି ଥିବାବେଳେ କେହି ମୋହରତକ ଚୋରାଇ ନେଇଯାଇଛି । ଏଥିପାଇଁ ତନ୍ତୀର ବଡ଼ ମନଦୁଃଖହେଲା ।

ତେଣୁ ତନ୍ତୀ ଘରକୁ ନଫେରି ପୁଣି ସେଇ ସହରକୁ ଫେରିଗଲା ।

Digitized by srujanika@gmail.com

ଏଥର ସେଠାରେ ତା'ର ବେପାର ଆଗଠାରୁ ଭଲହେଲା । ସେ ପାଞ୍ଚଶହ ସୁନାମୋହର ଅଳ୍ପ ସମୟ ଭିତରେ ସଞ୍ଚୟ କରିପାରିଲା । ତାହା ଧରି ଆନନ୍ଦରେ ଘରକୁ ଫେରିଆସୁଥିବାବେଳେ ପୁଣି ସେଇ ଜଙ୍ଗଲ ପଡ଼ିଲା । ରାତି ହୋଇଯିବାରୁ ତନ୍ତୀଟି ଆଗଥର ଭଳି ଏକ ଗଛ ଉପରେ ଚଢ଼ିଲା । ଗଛର ଡାଳରେ ଗଣ୍ଠିଲିଟିକୁ ଧରି ବସିରହିଲା । ଚୋରିହେବା ଭୟରେ ସେ ରାତିସାରା ଶୋଇଲା ନାହିଁ । ତଥାପି ସକାଳେ ଦେଖିଲା ଯେ ଗଣ୍ଠିଲି ଭିତରେ ମୋହରତକ ନାହିଁ । ସେ ବଡ଼ ଆଶ୍ଚର୍ଯ୍ୟ ହେଲା । କିପରି ଯେ ଚୋରିହେଲା ତାହା ସେ ମୋଟେ ବୁଝିପାରିଲାନାହିଁ ।

ତନ୍ତୀଟି ଜଙ୍ଗଲରେ ବସି ଦୁଃଖରେ କାନ୍ଦିଲା ଓ ନିଜର ଭାଗ୍ୟକୁ ଦୋଷଦେଲା । ସେ ଭାବିଲା – 'ଗରିବ ହୋଇ ବଞ୍ଚିବାଠାରୁ ମରିଯିବା ଭଲ ।' ସେ ଦଉଡ଼ି ଲଗାଇ ମରିଯିବ ବୋଲି ମନରେ ବିଚାରକଲା । ସେ ଦଉଡ଼ି ଦେବାକୁ ଯାଉଥିବାବେଳେ ଜଣେ ଦେବତା ଦେଖାଦେଲେ । ସେ କହିଲେ – "ଦଉଡ଼ି ଦେଇ ମରିବା ଠିକ୍ ନୁହେଁ । ମୁଁ ହେଉଚି ତୋର ଭାଗ୍ୟଦେବତା । ମୁଁ ତୋର ଧନ ଚୋରି କରିଛି । କାରଣ ଏତେ ଧନ ତୋର ଭାଗ୍ୟରେ ନଥିଲା । ଗଣ୍ଡେ ଖାଇବା ଓ ଖଣ୍ଡେ ପିନ୍ଧିବା ପାଇଁ ଯେତିକି ଦରକାର, ସେତିକି ଧନ ତୁ ପାଇବାର କଥା । ତୁ ତା'ଠାରୁ ଅଧିକ ଧନ ପାଇଯାଇଥିଲୁ । ତେଣୁ ତୋଠାରୁ ସେଇ ଧନ ମୁଁ ଛଡ଼ାଇ ନେଲି । ତେବେ ତୋ ଉପରେ ମୁଁ ସନ୍ତୁଷ୍ଟ ହୋଇଛି, କାରଣ ତୋର ସାହସ ଅଛି । ତୁ ମୋଠାରୁ କିଛି ବର ମାଗିନେ ।"

ତନ୍ତି ଉତ୍ତର ଦେଲା – "ପ୍ରଭୁ ! ମୋର ଆଉ କିଛି ଲୋଡ଼ା ନାହିଁ । ମୋତେ ଖାଲି ଧନ ଦିଅନ୍ତୁ । ମୋର ଖାଲି ଧନ ଲୋଡ଼ା ।"

ଭାଗ୍ୟଦେବତା କହିଲେ – "ଗୁଡ଼ାଏ ଧନ ନେଇ ତୁ କ'ଣ କରିବୁ ! ତୋ ଭାଗ୍ୟରେ ତ ଭୋଗକରିବା ଲେଖା ନାହିଁ । ଗୁଡ଼ିଏ

Digitized by srujanika@gmail.com



Digitized by srujanika@gmail.com

ଧନ ପାଇ ଖାଲି ଜମା କରି ରଖିବୁ ସିନା! ଏପରି ଧନରେ କି ମୂଲ୍ୟ ଅଛି ?''

ଦେବତାଙ୍କ କଥା ଶୁଣି ତନ୍ତୀ ତଥାପି ଧନ ପାଇଁ ଜିଦ୍ କଲା। ଭାଗ୍ୟଦେବତା ତା'ର ଜିଦ୍ ଦେଖି କହିଲେ– ''ତୁ ପୁଣି ଥରେ ସେଇ ସହରକୁ ଫେରିଯା। ସେଠାରେ ଦୁଇଜଣ ବଣିକ ରହୁଛନ୍ତି। ଦେଖିବୁ ଜଣେ ଭୋଗ କରୁଛି ଓ ଆଉ ଜଣେ ଖାଲି ଧନ ଜମାକରି ରଖୁଛି। ସେ ଦୁହିଁଙ୍କୁ ଦେଖାକଲା ପରେ ମୋତେ ଆସି କହିବୁ ତୋର କ'ଣ ଦରକାର।''

ଦେବତାଙ୍କ କଥା ମାନି ତନ୍ତୀ ସହରକୁ ଫେରିଗଲା। ସେ ଆଗ ଯେଉଁ ବଣିକଙ୍କ ଘରକୁ ଗଲା ସେ ତାକୁ କିଛି ଆଦର କଲେନାହିଁ। ଭଲକରି ଗଣ୍ଡେ ଖାଇବାକୁ ବି ଦେଲେ ନାହିଁ। ବଣିକଟି ସେଇଦିନ ରାତିରେ ଝାଡ଼ାରୋଗରେ ପଡ଼ିଲେ ଓ ତା' ପରଦିନ ପ୍ରାଣ ହରାଇଲେ।

ତନ୍ତୀଟି ସେଠାରୁ ଯାଇ ଆଉ ଜଣେ ବଣିକଙ୍କ ଘରେ ପହଞ୍ଚିଲା। ଏ ବଣିକ ତାକୁ ବହୁତ ଆଦରକଲେ ଓ ଭଲ ଭଲ ଖାଇବା ପଦାର୍ଥ ଦେଲେ। ତନ୍ତୀଟି ବଡ଼ ଆରାମରେ ରାତିରେ ତାଙ୍କ ଘରେ ଶୋଇଲା।

ବଣିକ ଜଣକ ଦୋକାନୀମାନଙ୍କଠାରୁ ଧାରଉଧାର କରି ତନ୍ତୀଟିର ସେବାକରିଥିଲେ। ଏଥିରେ ତାଙ୍କର ବହୁତ ଧନ ଲାଗିଯାଇଥିଲା। ତନ୍ତୀ ସକାଳେ ଉଠି ଦେଖିଲା– ରାଜାଙ୍କ ପାଖରୁ ଜଣେ ଲୋକ ଆସିଲା ଏବଂ ବହୁତ ଧନ ବଣିକଙ୍କୁ ଦେଲା। ରାଜା ବଣିକଙ୍କୁ ତାଙ୍କର ଭଲ କାମ ପାଇଁ ଏଇ ଧନ ଉପହାର ପଠାଇଥିଲେ।

ବଣିକ ଦୁଇଜଣଙ୍କ ଚଳଣି ଦେଖି ତନ୍ତୀ ବୁଝିଲା– ଭୋଗ

Digitized by srujanika@gmail.com

କରୁଥିବା ଲୋକର ଧନ ଭଲ, ସଞ୍ଚୟ କରି ରଖୁଥିବା ଲୋକର ଧନ ଭଲ ନୁହେଁ। ଧନକୁ ସଞ୍ଚୟ ନକରି ଭୋଗ କରିବା ଉଚିତ।

ତେଣୁ କହନ୍ତି, 'ଯାହା ଭାଗ୍ୟରେ ଯେତିକି ଲେଖାଥାଏ ତାକୁ ସେତିକି ମିଳେ। ଭାଗ୍ୟରେ ନଥିଲେ ମଧ୍ୟ ଯେ ଧନକୁ ଭୋଗକରେ ଓ ଭଲ କାମରେ ଲଗାଏ, ତାକୁ ଭଗବାନ୍ କେଉଁ ବାଟରେ ହେଲେ ଧନ ଦେଇଥାନ୍ତି।'

କାହାରି ଅପକାର କରନାହିଁ

ଜଙ୍ଗଲର ପକ୍ଷୀମାନେ ଦିନେ ଏକାଠି ହୋଇ ସଭା କଲେ। ସେମାନେ କହିଲେ– "ଆମର ରାଜା ଗରୁଡ଼ ସବୁବେଳେ ବିଷ୍ଣୁଙ୍କ ପାଖରେ ରହୁଛନ୍ତି। ଏଣେ ଶିକାରୀମାନେ ନିତି ଆମ ଭିତରୁ ବହୁତ ପକ୍ଷୀଙ୍କୁ ମାରିଦେଉଛନ୍ତି। ଗରୁଡ଼ ସେମାନଙ୍କ ହାତରୁ ଆମମାନଙ୍କୁ ରକ୍ଷାକରୁନାହାନ୍ତି। ତେଣୁ ଆମେ ଆଉ ଜଣେ ରାଜା ବାଛିବା। ସେ ଆମମାନଙ୍କୁ ଶିକାରୀମାନଙ୍କଠାରୁ ରକ୍ଷାକରିବେ।"

ପକ୍ଷୀମାନେ ପେଚାକୁ ରାଜା କରିବାକୁ ଠିକ୍ କଲେ। ପେଚା ଓ ତା'ର ସ୍ତ୍ରୀକୁ ନେଇ ଏକ ଉଚ୍ଚ ଆସନରେ ବସାଇଲେ। ତା'ର ଅଭିଷେକ ପାଇଁ ଯାହା ଯାହା ଲୋଡ଼ା ସେ ସବୁ ନେଇଆସିଲେ। ତା'ପରେ ସେମାନେ ମନଖୁସିରେ ଗୀତ ଗାଇ ନାଚିଲେ।

ଏଇ ସମୟରେ କୁଆଟିଏ ସେଠାକୁ ଆସିଲା। ତାକୁ ଦେଖି କେତେଜଣ ପକ୍ଷୀ କହିଲେ– "ପେଚାକୁ ରାଜା ନକରି କୁଆକୁ ରାଜା କରିଥିଲେ ବଡ଼ ଭଲହୋଇଥାନ୍ତା। କାରଣ କୁଆ ପେଚାଠାରୁ ଅଧିକ ଚାଲାକ୍।"

Digitized by srujanika@gmail.com

କୁଆ ପକ୍ଷୀମାନଙ୍କର ମେଳା ଦେଖି ତାଟକାହେଲା । ସେ ପଚାରିଲା, ''ଭାଇମାନେ ! ଆଜି ଏସବୁ ନାଚ୍‌ଗୀତ କାହିଁକି ହେଉଚି କି ? ପକ୍ଷୀମାନେ ସବୁକଥା କହିବାରୁ କୁଆ କହିଲା – ''ତୁମେମାନେ

Digitized by srujanika@gmail.com

ବଡ଼ ଭୁଲ କାମ କରୁଚ। ପେଚାର ନାକଟା ବଙ୍କା ଓ ଆଖି ଦୁଇଟା ଉପରକୁ। ସେ ଦେଖିବାକୁ ବଡ଼ ଅସୁନ୍ଦର ଓ ଦିନରେ ମୋଟେ ଦେଖିପାରେ ନାହିଁ। ସେ କି ରାଜା ହେବ ଯେ ତୁମମାନଙ୍କୁ ରକ୍ଷାକରିବ ?''

କୁଆର କଥା ଶୁଣି ପକ୍ଷୀମାନେ କୁହାକୁହି ହେଲେ – ''ସତକଥା, ଚାଲ ଆଉଥରେ ସଭାକରି କୁଆର କଥା ବିଚାର କରିବା।'' ସେମାନେ ସେଥିପାଇଁ ଆଉ ଏକ ଜାଗାକୁ ଚାଲିଗଲେ। କୁଆ କୁଆଡ଼େ ନଯାଇ ସେଇଠାରେ ବସିରହିଲା। ପେଚାକୁ ତ ଦିନରେ ଦେଖା ଯାଏ ନାହିଁ। ସେ ଗହଳଚହଳ ନ ଶୁଣି ପେଚୀକୁ ପଚାରିଲା – ''କ'ଣ ମୋର ଅଭିଷେକ ହେଉ ନାହିଁ କି ?''

ପେଚୀ କହିଲା – ''ଆହେ ! କୁଆ ଆସି ପରା ସବୁକାମ ବିଗାଡ଼ିଲା ! ସେ ତୁମକୁ ଅନ୍ଧ ଓ ଅସୁନ୍ଦର ବୋଲି କହି, ଆଉ ଜଣେ କାହାକୁ ରାଜା କରିବାକୁ ପକ୍ଷୀମାନଙ୍କୁ କହିଲା। ତେଣୁ ସେମାନେ ଏଠାରୁ ଚାଲିଯାଇ ଆଉ ଏକ ଜାଗାରେ ସଭା କରି ରାଜା ବାଛୁଛନ୍ତି। ତୁମେ ଆଉ ରାଜା ହେଉନାହଁ। ଚାଲ, ଆମେ ଆମର ଘରକୁ ଫେରିଯିବା। ଏଠାରେ ଅକାରଣରେ ବସି କିଛି ଲାଭ ନାହିଁ।''

ପେଚୀର କଥା ଶୁଣି ପେଚା ରାଗିଯାଇ କୁଆକୁ କହିଲା – ''ରେ ମୂର୍ଖ ! ତୁ ମୋତେ ରାଜା କରାଇଦେଲୁ ନାହିଁ। ପୁଣି ମୋତେ ଗାଳିମନ୍ଦ କଲୁ। ଆଜିଠାରୁ ତୁ ମୋର ଶତ୍ରୁ ହେଲୁ। ଏଣିକି ମୋ ବଂଶରେ ଯେତେ ପେଚା ଜନ୍ମ ହେବେ ଓ ତୋ ବଂଶରେ ଯେତେ କୁଆ ଜନ୍ମ ହେବେ ସେମାନେ ସବୁବେଳେ ଶତ୍ରୁ ହୋଇ ରହିଥିବେ।'' ଏପରି କହି ସେ ତା'ର ସ୍ତ୍ରୀକୁ ନେଇ ସେଠାରୁ ଚାଲିଗଲା।

Digitized by srujanika@gmail.com

ପେଚା ଚାଲିଯିବାପରେ କୁଆ ଭାବିଲା – "ସତରେ ମୋର ବଡ଼ ଭୁଲ ହେଲା। ପେଚା ତ ମୋର କିଛି ଦୋଷ କରିନଥିଲା। ମୁଁ କହୁ କହୁ କ'ଣଗୁଡ଼ାଏ ତା' ନାଁରେ କହିପକାଇଲି। ତା'ର ନିନ୍ଦାକରି ଅକାରଣରେ ଶତ୍ରୁ ହେଲି। କିଛି ଭଲ କାମ କଲି ନାହିଁ।" ତା'ପରେ କୁଆ ସେଠାରୁ ଉଡ଼ିଉଡ଼ି ନିଜ ବସାକୁ ଚାଲିଗଲା।

ତେଣୁ, 'ବିନା କାରଣରେ କାହାର ନିନ୍ଦା କରିବା ଉଚିତ ନୁହେଁ। ସତକଥା କହିଲେ ଯଦି କାହାର ଅମଙ୍ଗଳ ହୁଏ, ତେବେ ତାହା କହିବା ଠିକ୍ ନୁହେଁ।'

ବୁଦ୍ଧିପାଖେ ବଳ ହାରମାନିଲା

ଏକ ବଣରେ ହାତୀମାନେ ଦଳ ବାନ୍ଧି ରହିଥିଲେ। ତାଙ୍କର ଜଣେ ଦଳପତି ମଧ୍ୟ ଥିଲା। ବର୍ଷେ ସେଇ ରାଜ୍ୟରେ ମାସ ମାସ ଧରି ବର୍ଷା ହେଲାନାହିଁ। ବଣର ସବୁ ପୋଖରୀ ଶୁଖିଯିବାରୁ ହାତୀମାନେ ବଡ଼ କଷ୍ଟ ପାଇଲେ। ସେମାନେ ତାଙ୍କର ଦଳପତିକୁ କହିଲେ – "ପ୍ରଭୁ! ବଣର ସବୁ ପୋଖରୀ ଶୁଖିଲା ପଡ଼ିଛି। କେଉଁଠି ହେଲେ ଟୋପାଏ ପାଣି ନାହିଁ। ପାଣିବିନା ଆମେ ସବୁ ମରିଯିବୁ। ଆମକୁ ପାଣିଥିବା ଆଉ ଏକ ଜାଗାକୁ ନେଇଚାଲ।"

ଏହା ଶୁଣି ହାତୀ ଦଳପତି କହିଲା – "ଭାଇମାନେ! ମୁଁ ଜାଣିଛି ଯେ କିଛି ଦୂରରେ ଏକ ପାଣିଭରା ବଡ଼ ହ୍ରଦ ଅଛି। ମୁଁ ତୁମମାନଙ୍କୁ ଆଜି ସେଠାକୁ ନେଇଯିବି। ମୁଁ ଶୁଣିଛି ଆକାଶ ଗଙ୍ଗାରୁ ଝର ଆସି ସେ ହ୍ରଦରେ ମିଶିଛି। ତେଣୁ ତା'ର ପାଣି କେବେ ଶୁଖିଯିବନାହିଁ। ସେଇ ହ୍ରଦରେ ତୁମେମାନେ ମନଇଚ୍ଛା ଗାଧୋଇବ।"

Digitized by srujanika@gmail.com

ଏପରି କହି ଦଳପତି ହାତୀମାନଙ୍କୁ ବାଟ ଦେଖାଇ ସେଇ ହ୍ରଦପାଖକୁ ନେଇଗଲା । ହାତୀମାନେ ଆନନ୍ଦରେ ଗାଧୋଇଲେ ଓ ପେଟ ଭରି ପାଣି ପିଇଲେ । ସୂର୍ଯ୍ୟ ବୁଡ଼ିଯିବାରୁ ଅନ୍ଧାର ମାଡ଼ିଆସିଲା । ଏହାପରେ ହାତୀମାନେ ପାଣିରୁ ଉଠି କୂଳକୁ ଆସିଲେ । ସେ ହ୍ରଦ କୂଳରେ ଗାତ କରି ବହୁତ ଠେକୁଆ ରହୁଥିଲେ । ହାତୀମାନଙ୍କ ଗୋଡ଼ ସେଇ ଗାତଗୁଡ଼ିକ ଉପରେ ପଡ଼ିବାରୁ ବହୁତ ଠେକୁଆ ଦଳିଚକଟି ହୋଇ ମରିଗଲେ । କେତେକ ଠେକୁଆ ଭାଗ୍ୟବଳରୁ ବଞ୍ଚିଯାଇଥିଲେ ।

ହାତୀଦଳ ଚାଲିଯିବା ପରେ ସେଇ ଠେକୁଆମାନେ ଏକାଠି ହେଲେ । ସେମାନେ ବିଚାର କଲେ – "ଆମର ଏଇ ବଣରେ ତ ଆଉ କେଉଁଠି ହେଲେ ଟୋପେ ପାଣି ନାହିଁ । ହାତୀମାନେ ଏଣିକି ନିତି ଏଇ ହ୍ରଦକୁ ଗାଧୋଇବା ପାଇଁ ଆସିବେ ଓ ଆମମାନଙ୍କୁ ଦଳିଚକଟି ମାରିପକାଇବେ । ସେମାନଙ୍କ ଦାଉରୁ ଆମେ ବଞ୍ଚିବାପାଇଁ କିଛି ଉପାୟ ଆଜିଠୁଁ କରିବା ଦରକାର । ତା' ନୋହିଲେ ଆମ ବଂଶ ବୁଡ଼ିଯିବ ।"

ଚାଲାକ୍ ଠେକୁଆଟିଏ କହିଲା – "ଭାଇମାନେ, ମୁଁ ଏହାର ଏକ ଉପାୟ ଭାବିଛି । ଆମେ ସେଇ ହାତୀମାନଙ୍କ ପାଖକୁ ଜଣେ ଦୂତ ପଠାଇବା । ସେ ଯାଇ କହିବ ଯେ ଆମ ରାଜା ଚନ୍ଦ୍ରଦେବତା ସେମାନଙ୍କ ଉପରେ ରାଗିଛନ୍ତି । ଚନ୍ଦ୍ରଦେବତା କହିପଠାଇଛନ୍ତି ଯେ, ହାତୀମାନେ ଆଉ ହ୍ରଦକୁ ଯାଇପାରିବେ ନାହିଁ । ଯଦି କଥା ନମାନି ସେଠାକୁ ଯାଆନ୍ତି ତେବେ ପ୍ରାଣ ନେଇ ଫେରିବେ ନାହିଁ । ଆମ ଦୂତ ଯାଇ ଏପରି କହିଲେ ହାତୀମାନେ ଡରିଯିବେ ଓ ଏଠାକୁ ଆଉ ଆସିବେ ନାହିଁ ।"

ଚାଲାକ୍ ଠେକୁଆର କଥା ସମସ୍ତଙ୍କ ମନକୁ ପାଇଲା । ଗୋଟିଏ ସାହସୀ ଠେକୁଆ ଦୂତ ଭାବରେ ଗଲା । ସେ ହାତୀମାନେ ରହୁଥିବା

Digitized by srujanika@gmail.com

ଜାଗାର ଅଳ୍ପ ଦୂରରେ ଥିବା ଏକ ପାହାଡ଼ ଉପରେ ବସିଗଲା। ସେମାନଙ୍କୁ ବଡ଼ପାଟିରେ ଡାକି କହିଲା – "ହାତୀମାନେ, ସାବଧାନ ହୋଇ ମୋ କଥା ଶୁଣ। ମୋତେ ଆମ ରାଜା ଚନ୍ଦ୍ରଦେବତା

Digitized by srujanika@gmail.com

ତୁମମାନଙ୍କ ପାଖକୁ ପଠାଇଛନ୍ତି। ସେ ଏବେ ହ୍ରଦ ଭିତରେ ରହୁଛନ୍ତି। ସେ କହିପଠାଇଛନ୍ତି ଯେ, ତୁମେମାନେ ଆଉ କେବେ ସେଇ ହ୍ରଦକୁ ଯିବନାହିଁ। କାଲି ତୁମେମାନେ ସେଠାକୁ ଯାଇ ବହୁତ ଠେକୁଆଙ୍କୁ ମାରିଦେଇଥିବାରୁ ସେ ଭାରି ରାଗିଛନ୍ତି। ଚନ୍ଦ୍ର କହିଛନ୍ତି ଯେ, ଯଦି ପୁଣି ତୁମେମାନେ ସେଠାକୁ ଯିବ ତେବେ ବିପଦ ଘଟିବ। ସେ ସବୁ ହାତୀଙ୍କୁ ମାରିଦେବେ।''

ଏ କଥା ଶୁଣି ହାତୀମାନେ ଡରିଗଲେ। ସେମାନଙ୍କର ଦଳପତି ଡରିଯାଇ କହିଲା– ''ହଉ, ଆମେମାନେ ଆଉ କେବେ ସେ ହ୍ରଦକୁ ଯାଇ ଗାଧୋଇବୁ ନାହିଁ। ମୁଁ ଏକା ଯାଇ ଚନ୍ଦ୍ରଦେବତାଙ୍କୁ ଦେଖା କରିବି। ତୁମେ ମତେ ସାଙ୍ଗରେ ନେଇ ତାଙ୍କ ସହିତ ମୋର ଦେଖା କରାଇ ଦିଅ। ମୁଁ ତାଙ୍କୁ ଦେଖି ଫେରିଆସିବି।''

ଦୂତ ହୋଇ ଯାଇଥିବା ଠେକୁଆଟି ସାଙ୍ଗରେ ହାତୀମାନଙ୍କ ଦଳପତି ହ୍ରଦ ପାଖକୁ ଗଲା। ସେଇ ଠେକୁଆ ଭାରି ଚାଲାକ୍ ଥିଲା। ହ୍ରଦର ପାଣିରେ ତ ଚନ୍ଦ୍ରଙ୍କ ଛାଇ ପଡ଼ିଥିଲା। ଠେକୁଆ ହାତୀକୁ ସେଇ ଛାଇକୁ ଦେଖାଇ ଦେଇ କହିଲା– ''ଦେଖ, ଆମ ଚନ୍ଦ୍ରରାଜା ପାଣି ଭିତରେ ବସି ପୂଜା କରୁଛନ୍ତି। ତୁମେ ଏବେ ଶୀଘ୍ର ଏଠାରୁ ବାହାରିଯାଅ। ନୋହିଲେ ଯଦି ତାଙ୍କର ଆଖି ତୁମ ଉପରେ ପଡ଼ିଯିବ, ତେବେ ସେ ରାଗିଯାଇ ସଙ୍ଗେ ସଙ୍ଗେ ତୁମକୁ ମାରିପକାଇବେ।''

ହାତୀମାନଙ୍କର ଦଳପତି ସେ ଛାଇଟାକୁ ଚନ୍ଦ୍ରଦେବତା ବୋଲି ଭାବି ମୁଣ୍ଡିଆ ମାରିଲା। ତା'ପରେ ଡରରେ ସେଠାରୁ ପଳାଇ ଆସିଲା। ସେଇଦିନଠାରୁ ହାତୀମାନେ ଆଉ ହ୍ରଦକୁ ଆସିଲେ ନାହିଁ। ଠେକୁଆମାନେ ଏହିପରି ଚନ୍ଦ୍ରଙ୍କ ନାଁ ଧରି ହାତୀମାନଙ୍କୁ ଡରାଇଦେଇଥିଲେ।

'ବଡ଼ ଲୋକର ନାମନେଲେ ବିପଦରୁ ରକ୍ଷାମିଳିଥାଏ।'

Digitized by srujanika@gmail.com

ଠକର ମିଠା କଥାକୁ ସାବଧାନ

ଏକ ଗଛର କୋରଡ଼ରେ ଘରଚଟିଆଟିଏ ରହୁଥିଲା। ଗଛଡାଳରେ ବସା କରି ରହୁଥିବା ଏକ କୁଆ ତା'ର ମିତ ଥିଲା। ଦୁହେଁ ଖୁସିଗପ କରି ଆନନ୍ଦରେ ସମୟ କାଟୁଥିଲେ। ଦିନେ ଘରଚଟିଆ ଆହାର ଖୋଜିବା ପାଇଁ ବଣ ଭିତରକୁ ଗଲା ଓ ଆଉ ଫେରିଲା ନାହିଁ। କିଛି ଦିନ ଗଲା ପରେ ଗୋଟିଏ ଠେକୁଆ ଆସି ସେଇ କୋରଡ଼ରେ ବାସକଲା। ବହୁତ ଦିନ ପରେ ଘରଚଟିଆ ତା'ର ବସାକୁ ଫେରିଆସି ଦେଖିଲା ଯେ, ତା'ର କୋରଡ଼ରେ ଠେକୁଆଟିଏ ରହୁଛି। ସେ ତାକୁ କହିଲା– ''ଏଇ କୋରଡ଼ରେ ମୁଁ ଆଗରୁ ରହୁଥିଲି। ଏଇଟା ମୋର ଘର। ତୁ କୋରଡ଼ ଛାଡ଼ି ଆଉ କେଉଁଠି ଯାଇ ରହ। ମୁଁ ଏଠାରେ ରହିବି।''

ଠେକୁଆ ତା' କଥା ଶୁଣିଲା ନାହିଁ। ସେ କହିଲା– ''ମୁଁ ଆସିବା ବେଳକୁ ଏ କୋରଡ଼ ଖାଲିଥିଲା। ତେଣୁ ମୁଁ ଏଠାରେ ବସା କରି ରହିଲି। ମୁଁ ଏଠାରେ ରହିବାର ବହୁତ ଦିନ ହେଲାଣି। ତେଣୁ ଏହା ମୋର ଘର। ତୁ ଆଉ କେଉଁଠି ଯାଇ ରହ।''

ଏଇ କଥାକୁ ନେଇ ଘରଚଟିଆ ଓ ଠେକୁଆ କଳି ଲଗାଇଲେ। ଶେଷରେ ଘରଚଟିଆ କହିଲା– ''ଚାଲ, କାହାକୁ ଭଲଲୋକ ମାନିବା ଓ ନିଜନିଜର ଗୁହାରି ଜଣାଇବା। କାହାର ଏ ଘର ହେବ ସେ ବିଚାର କରି କହିଦେବେ। ଆମେ ଦୁହେଁ ତାଙ୍କ କଥା ମାନିନେବା।''

ଏହା ଶୁଣି ଠେକୁଆ ରାଜିହେଲା। ଦୁହେଁ ଜଣେ ଭଲଲୋକ

Digitized by srujanika@gmail.com

ଖୋଜିବାକୁ ବଣରେ ପଶିଲେ। ବଣରେ ବୁଲୁବୁଲୁ ସେ ଦୁହେଁ ଦେଖିଲେ ଯେ ଗୋଟିଏ ବିରାଡ଼ି ସୂର୍ଯ୍ୟଙ୍କ ଆଡ଼କୁ ମୁହଁ କରି, ଆଗ ଗୋଡ଼ ଦୁଇଟାକୁ ଉପରକୁ ଟେକି, ଆଖିବୁଜି ବସିଛି। ସେ ତା'ର କପାଳରେ ଚିତା କାଟିଛି ଓ ବେକରେ ତୁଳସୀମାଳ ପିନ୍ଧିଛି। ତାକୁ ଦେଖି ଠେକୁଆ କହିଲା– "ଏଇ ଦେଖ, ଏଇଠି ଜଣେ ଧାର୍ମିକ ବାବାଜି ବସିଛନ୍ତି। ଏହାଙ୍କୁ ଆମେ ଭଲଲୋକ ମାନି ଆମ କଥା କହିବା।"

ଘରଚଟିଆ ଉତ୍ତର ଦେଲା– "ଆରେ, ଏ ତ ଗୋଟେ ବିରାଡ଼ି– ତା' ପାଖକୁ ଯିବା ଆମ ପାଇଁ ମୋଟେ ଭଲ ନୁହେଁ। ସେ ଆମକୁ ପାଖରେ ଦେଖିଲେ ଖାଇଦେବ। ଚାଲ, ଦୂରରେ ରହି ତାକୁ ଆମ କଥା ଜଣାଇବା।"

ଠେକୁଆ ଓ ଘରଚଟିଆ ଯାଇ ବିରାଡ଼ିଠାରୁ ଦୂରରେ ଏକ ଜାଗାରେ ବସିଲେ। ଘରଚଟିଆ ଠେକୁଆ ସହିତ ତା'ର ବିବାଦ କଥା ବିରାଡ଼ିକୁ କହିଲା। ତା'ପରେ କହିଲା– "ଏ ଝଗଡ଼ା ତୁଟାଇ ଦେବାକୁ ଆମେ ତୁମକୁ ଭଲଲୋକ ମାନିଛୁ। ସେଇ କୋରଡ଼ ଭିତରେ ମୁଁ ରହିବି କି ଠେକୁଆ ରହିବ, ତାହା ବିଚାର କରି କହିଦିଅ।"

ବିରାଡ଼ି ତାକୁ ଶୁଣାଯାଇନଥିବାର ଛଳନା କଲା। ସେ ଭାରି କଅଁଳ କରି କହିଲା– "ମୁଁ ତ ବୁଢ଼ା ହେଲିଣି, ମୋତେ ତୁମ କଥା ଶୁଣାଯାଉନାହିଁ। ଯାହା କହିବ ମୋ କାନପାଖରେ କହ। ମୁଁ ବିରାଡ଼ି ବୋଲି ଡରନାହିଁ। ମୁଁ ମାଂସ ଖାଇବା ଛାଡ଼ିଦେଇ ବାବାଜି ହୋଇଛି। ମୁଁ ବୁଢ଼ା ହୋଇଯାଇଥିବାରୁ ଏଠାରୁ ଉଠି କୁଆଡ଼େ ଯାଇପାରିବି ନାହିଁ। ତୁମେ ଦୁହେଁ ମୋ କୋଳରେ ବସି ଯାହା କହିବାର ଅଛି ତାହା କହିପାର। ମୁଁ ତୁମର କିଛି କ୍ଷତି କରିବି ନାହିଁ।"

Digitized by srujanika@gmail.com

ଠକ ବିରାଡ଼ିର ମିଠା କଥାରେ ଘରଚଟିଆ ଓ ଠେକୁଆ ବିଶ୍ୱାସ କଲେ। ଭୟ ଛାଡ଼ି ସେ ଦୁହେଁ ଯାଇ ବିରାଡ଼ିର କୋଳରେ ବସିଲେ। ବିରାଡ଼ି ଏଇ ସୁଯୋଗରେ ଘରଚଟିଆ ଓ ଠେକୁଆ ଦୁହିଁଙ୍କୁ ମାରି ଆନନ୍ଦରେ ଖାଇଲା।

'ବାହାର ବେଶଭୂଷା ଦେଖି କିଏ ଭଲ ଓ କିଏ ମନ୍ଦ ତାହା ଜାଣିବା ସହଜ ନୁହେଁ।'

ତିନିତୁଣ୍ଡରେ ଛେଳି କୁକୁର

ଏକ ଗ୍ରାମରେ ଜଣେ ବ୍ରାହ୍ମଣ ଥିଲା। ସେ ଛେଳିଟିଏ ପୋଷିବାକୁ ମନକଲା। ସେ ପାଖର ଏକ ଗାଁକୁ ଯାଇ ଛେଳିଟିଏ ଆଣିଲା। ସେଇ ଛେଳିଟିକୁ କାନ୍ଧରେ ଥୋଇ ଘରକୁ ଫେରିଆସୁଥିଲା।

ତିନିଜଣ ଠକ ତାକୁ ଦେଖି ବିଚାରକଲେ— ଭଲ ଛେଳିଟିଏ ବ୍ରାହ୍ମଣ ନେଇଯାଉଛି। ଯଦି ତା'ଠାରୁ ଆମେ କିଛି ଉପାୟ କରି ଛେଳିଟାକୁ ପାଇପାରିବା, ତେବେ ତା'ର ମାଂସରେ ଭୋଜିକରି ଖାଇବା। ଏପରି ଭାବି ଠକମାନେ ଏକ ଉପାୟ ଚିନ୍ତାକଲେ। ସେମାନେ ରାସ୍ତାର ଅଲଗା ଅଲଗା ଜାଗାରେ ଜଣ ଜଣ ହୋଇ ରହିଲେ। ଅଲଗା ଅଲଗା ରଙ୍ଗର ଲୁଗା ପିନ୍ଧିଲେ।

ବ୍ରାହ୍ମଣ ଛେଳିଟିକୁ କାନ୍ଧରେ ଥୋଇ ରାସ୍ତାରେ ଚାଲିଥାଏ। ପ୍ରଥମ ଠକ ତା' ଆଗକୁ ଯାଇ ମୁଣ୍ଡ ନୁଆଇଁ ଓଳଗି ହୋଇ କହିଲା—''ଏ ଗୋସେଇଁ! ତୁମେ ବ୍ରାହ୍ମଣ ହୋଇ କୁକୁରଟାଏ କିପରି କାନ୍ଧରେ ବସାଇ ନେଉଛ? କୁକୁରକୁ ଛୁଇଁଲେ ପରା ବ୍ରାହ୍ମଣର ଦେହ ମାରାହୁଏ ଓ ଗାଧୋଇବାକୁ ପଡ଼େ! ତୁମର ଏକଥା ଦେଖି ମତେ ଆଚମ୍ବିତ ଲାଗୁଛି।''

Digitized by srujanika@gmail.com

Digitized by srujanika@gmail.com

ସେ ଠକର କଥା ଶୁଣି ବ୍ରାହ୍ମଣ ରାଗିଯାଇ କହିଲା – "ତୁ କ'ଣ ଅନ୍ଧଟାଏ କିରେ ? ଛେଳିଟାକୁ କୁକୁର ବୋଲି କ'ଣ କହୁଛୁ ?"

ଠକଟା ଟିକିଏ ହସିଦେଇ ଉତ୍ତର ଦେଲା – "ତୁମେ ରାଗୁଛ କାହିଁକି ଗୋସେଇଁ ? ମତେ ଯାହା ଦେଖାଗଲା ମୁଁ ତାହା କହିଲି । ଯଦି ମୋ କଥା ତୁମର ପସନ୍ଦ ହେଉନାହିଁ ତେବେ ତୁମ ବାଟରେ ତୁମେ ଯାଅ – ମୋର ସେଥିରେ କ'ଣ ଅଛି ?"

ବ୍ରାହ୍ମଣ ସେ ଲୋକଟା ଉପରେ ରାଗ ଗରଗର ହୋଇ ତା' ବାଟରେ ଚାଲିଲା । କିଛି ବାଟ ଗଲାପରେ ଆଉ ଏକ ଠକ ତା' ଆଗକୁ ଆସି କହିଲା – "ଗୋସେଇଁ ! ଏ କ'ଣ କୁକୁରଟାଏ କାନ୍ଧରେ ବସାଇ ଯାଉଛ ? କୁକୁର ଛୁଇଁଲେ ଛୁଆଁଦୋଷ ଲାଗେ ପରା ! ତାକୁ ତୁମେ ହୁଏତ ଭାରି ଭଲପାଉଛ – କିନ୍ତୁ ତା' ବୋଲି କ'ଣ ସେଇଟାକୁ କାନ୍ଧରେ ଧରିବ ? ତାକୁ ଶୀଘ୍ର କାନ୍ଧରୁ ଓହ୍ଲାଇ ରାସ୍ତା କଡ଼ରେ ଛାଡ଼ିଦିଅ ।"

ଲୋକଟାର କଥା ଶୁଣି ବ୍ରାହ୍ମଣ ରାଗରେ ଦାନ୍ତ ରଗଡ଼ିଲା । କହିଲା – "ତୁ କ'ଣ ଆଖିଥାଇ ଅନ୍ଧ ହେଲୁ କି ? ଆରେ, ଏଇଟା ପରା ଛେଳିଟାଏ । ଜନ୍ତୁଟା ଚାଲିପାରୁନାହିଁ ବୋଲି କାନ୍ଧରେ ଥୋଇ ନେଉଛି । ଛେଳିଟା ତୋତେ କୁକୁର ଭଳି କେମିତି ଦେଖାଗଲା ?"

ଏହା ଶୁଣି ଠକ ଡରିଯିବାର ଛଳନା କରି ଉତ୍ତର ଦେଲା – "ରାଗୁଛ କାହିଁକି ଗୋସେଇଁ ? ତୁମର ଯାହା ମନ ତା' କରିପାର । ଯାହା ଦେଖୁଛି ତାହା କହୁଛି ।"

ବ୍ରାହ୍ମଣ ସେ ଲୋକଟାକୁ ଗାଳି ଦେଇ ଦେଇ ନିଜ ବାଟରେ ଚାଲିଗଲା । ସେ କିଛି ବାଟ ଯାଇଛି କି ନାହିଁ, ଆଉ ଏକ ଠକ ତା' ଆଗରେ ଆସି କହିଲା – "ହେ ଗୋସେଇଁ ! ବ୍ରାହ୍ମଣ

Digitized by srujanika@gmail.com

ହୋଇ ବୁଢ଼ା କୁକୁରଟାଏ କାନ୍ଧରେ ବସେଇଚ ? ତୁମେ କ'ଣ ଜାଣନାହିଁ ଯେ, କୁକୁରକୁ ଏମିତି ଧରି ଗାଁକୁ ଗଲେ ତୁମେ ଜାତି ବାସନ୍ଦ ହେବ ?''

ବ୍ରାହ୍ମଣ ତୃତୀୟ ଲୋକଠାରୁ ମଧ୍ୟ ସେଇ ଏକା କଥା ଶୁଣି ବଡ଼ ସନ୍ଦେହରେ ପଡ଼ିଗଲା । ଭାବିଲା – ''ସତରେ କ'ଣ ମୁଁ କୁକୁରଟାଏ କାନ୍ଧରେ ଧରି ଯାଉଛି କି ? ଏଇ ଲୋକଟାର କଥା ସତ ବି ହୋଇପାରେ !''

ଏପରି ଭାବି ବ୍ରାହ୍ମଣ ଛେଳିଟାକୁ କାନ୍ଧରୁ ଓହ୍ଲାଇ ତଳେ ଛାଡ଼ିଦେଇ ଏକମୁହାଁ ହୋଇ ନିଜ ଗାଁକୁ ଚାଲିଗଲା । ବ୍ରାହ୍ମଣ ଚାଲିଗଲାପରେ ତିନି ଠକ ଏକାଠି ହୋଇ ଛେଳିଟାକୁ ନେଲେ । ତା'ର ମାଂସରେ ଭୋଜିକରି ଖାଇଲେ ।

ତେଣୁ କହନ୍ତି – 'ବୁଦ୍ଧିହୀନ ମଣିଷ ଠକାମୀରେ ପଡ଼େ ।'

ଦଳ ପାଖେ ବଳ ହାରେ

ବଣ ଭିତରେ ଏକ ବଡ଼ ଉଇହୁଙ୍କାରେ କଳାରଙ୍ଗର ବଡ଼ ସାପଟାଏ ରହୁଥିଲା । ସାପଟା ଯେମିତି ଲମ୍ବା ସେମିତି ମୋଟା । ହୁଙ୍କାରୁ ବାହାରିବା ପାଇଁ ଦୁଇଟି ଗାତ ଥିଲା – ଗୋଟିଏ ବଡ଼ ଓ ଆରଟି ସାନ । ସାପ ନିତି ବଡ଼ ଗାତ ବାଟେ ବାହାରକୁ ଯାଇ ବୁଲାବୁଲି କରେ ଓ ସେଇ ବାଟ ଦେଇ ପୁଣି ହୁଙ୍କା ଭିତରକୁ ପଶେ ।

ଦିନେ କ'ଣ କଲା ନା – ସାପଟା ସାନ ଗାତ ବାଟ ଦେଇ ବାହାରକୁ ଆସିବା ପାଇଁ ଚେଷ୍ଟାକଲା । ଗାତର ବାଟଟା ଭାରି ଅଣଓସାରିଆ ହୋଇଥିବାରୁ ତା'ର ମୋଟା ଦେହ ଗାତ

Digitized by srujanika@gmail.com

ଚାରିକଡ଼ରେ ଘଷିହୋଇଗଲା । ଦେହ ଖଣ୍ଡିଆ ହୋଇଯିବାରୁ ରକ୍ତ ଝର ଝର ହୋଇ ବୋହିବାକୁ ଲାଗିଲା । ସାପଟା ଯେଉଁ ବାଟରେ ଗଲା ସେଇ ବାଟଯାକ ରକ୍ତର ଧାର ଲାଗିଗଲା ।

ରକ୍ତର ଗନ୍ଧ ପାଇ ହଜାର ହଜାର ସଂଖ୍ୟାରେ ପିମ୍ପୁଡ଼ି ଛୁଟିଆସିଲେ । ସେଇ ଗନ୍ଧ ଶୁଙ୍ଘି ଶୁଙ୍ଘି ସେମାନେ ଆଗକୁ ଚାଲିଲେ । କିଛି ବାଟ ଗଲା ପରେ ସାପକୁ ଦେଖି ତା' ଉପରେ ଚଢ଼ିଗଲେ । ସାପଦେହର ଖଣ୍ଡିଆ ଜାଗାଗୁଡ଼ିକୁ କାମୁଡ଼ିବାକୁ ଲାଗିଲେ । ସାପ ମାଟି ଉପରେ ଥରକୁଥର ଗଡ଼େଇତଡ଼େଇ ହେବାରୁ ବହୁତ ପିମ୍ପୁଡ଼ି ମରିଗଲେ । ତଥାପି ସେମାନେ ସାପକୁ ଛାଡ଼ିଲେ ନାହିଁ । ଯେତିକି ମଲେ ପୁଣି ସେତିକି କୁଆଡୁ ଆସିଗଲେ ଓ ସାପର ଦେହଯାକରେ ଲାଗିଗଲେ । ସାପ ଆଉ ଆଗକୁ ଯାଇ ନପାରି ସେଇଠାରେ ଶୋଇରହିଲା । ପିମ୍ପୁଡ଼ିମାନଙ୍କ କାମୁଡ଼ାରେ ସେ ଛଟପଟ ହୋଇ ଶେଷରେ ମଲା ।

ସାପ ବଡ଼ ଗାତ ବାଟରେ ନ ବାହାରି ଛୋଟ ଗାତ ବାଟରେ ଆସି କେଡ଼େ ବୋକାମି ନ କଲା ? ଛୋଟ ଛୋଟ ପିମ୍ପୁଡ଼ିଗୁଡ଼ାକ ଏକାଠି ହୋଇଯିବାରୁ ଏତେ ବଡ଼ ସାପଟାକୁ ମାରିଦେଇପାରିଲେ ।

ଏଣୁ 'ଜଣେ ଯେତେ ବଳବାନ୍ ହେଉ ପଛକେ, ଅନେକ ଦୁର୍ବଳ ଲୋକ ମିଶିଲେ ତାକୁ ପରାଜିତ କରିଦେଇପାରନ୍ତି ।'

ସ୍ୱାର୍ଥପର ହେବାର ପରିଣାମ

ଜଣେ ରାଜାଙ୍କର ଗୋଟିଏ ବଡ଼ ପୋଖରୀ ଥିଲା । ସେଇ ପୋଖରୀରେ ସୁନାର ପର ଥିବା ବହୁତଗୁଡ଼ିଏ ହଂସ ରହୁଥିଲେ ।

Digitized by srujanika@gmail.com

ପୋଖରୀର ନିର୍ମଳ ପାଣିରେ ଖେଳିବୁଲି ସେମାନେ ଆନନ୍ଦରେ ଥିଲେ। ଏଇ ହଂସମାନଙ୍କୁ ଜଗିବା ପାଇଁ ରାଜା କେତେକ ଚାକର ରଖିଥିଲେ। ତେଣୁ କୌଣସି ଶିକାରୀ ସୁନାହଂସମାନଙ୍କୁ ଶିକାର କରିପାରୁନଥିଲେ। ଏଇ ସୁନାହଂସମାନେ ପ୍ରତି ଛ' ମାସରେ ଗୋଟିଏ କରି ସୁନା ପର ରାଜାଙ୍କୁ ଦେଉଥିଲେ। ସେଇ ସୁନା ପରଗୁଡ଼ିକୁ ନେଇ ରାଜା ନିଜ ପାଖରେ ସାଇତି ରଖୁଥିଲେ। ସେ ସେଥିରୁ ବହୁତ ସୁନା ପାଉଥିଲେ।

କେତେଦିନ ଗଲାପରେ ଗୋଟିଏ ବଡ଼ ପକ୍ଷୀ ପୋଖରୀକୁ ଆସିଲା। ତା'ର ଦେହ ସୁନାରେ ଗଢ଼ାହୋଇଥିଲା। ସେ ସୁନା ହଂସମାନଙ୍କୁ କହିଲା— "ଭାଇମାନେ! ମତେ ତୁମ ସାଙ୍ଗରେ ଏଇ ପୋଖରୀରେ ରହିବାକୁ ଦିଅ। ଆମେ ସମସ୍ତେ ଏକାଠି ହୋଇ ଖେଳିବୁଲି ଏଠାରେ ରହିବା।"

ସୁନାପକ୍ଷୀର କଥା ଶୁଣି ହଂସମାନେ କହିଲେ— "ନା, ନା, ସେକଥା ହୋଇପାରିବ ନାହିଁ। ଏ ପୋଖରୀ କେବଳ ଆମର। ଆମେ ରାଜାଙ୍କୁ ସୁନାପର ଦେଇ ପୋଖରୀକୁ କିଣି ନେଇଛୁ। ରାଜା ଚାହିଁଲେ ମଧ୍ୟ ଆମକୁ ଏଠାରୁ ବାହାର କରି ପାରିବେ ନାହିଁ। ତୁ ଯାଇ ଆଉ କେଉଁଠି ରହ।"

ହଂସମାନଙ୍କ ଉତ୍ତର ଶୁଣି ସୁନାପକ୍ଷୀ ରାଗିଗଲା। ସେ ଭାବିଲା— 'ମୁଁ ରାଜାଙ୍କୁ କହି ଏଇ ଦୁଷ୍ଟ ହଂସମାନଙ୍କୁ ମରାଇଦେବି।' ସୁନାପକ୍ଷୀ ତେଣୁ ରାଜାଙ୍କ ପାଖକୁ ଯାଇ କହିଲା— "ମହାରାଜ! ଆପଣଙ୍କ ପୋଖରୀରେ ରହୁଥିବା ହଂସମାନେ କହୁଛନ୍ତି ଯେ ସେଇ ପୋଖରୀଟା ତାଙ୍କର। ଆପଣ ଚାହିଁଲେ ମଧ୍ୟ ସେମାନଙ୍କୁ ସେଠାରୁ ତଡ଼ିଦେଇ ପାରିବେ ନାହିଁ। ତେଣୁ ସେମାନେ ଆପଣଙ୍କୁ ଡରନ୍ତି ନାହିଁ।"

ସୁନାପକ୍ଷୀର କଥା ଶୁଣିବା ପରେ ରାଜା ଚାକରମାନଙ୍କୁ

Digitized by srujanika@gmail.com

ଡାକି କହିଲେ – ‘‘ପୋଖରୀରେ ରହୁଥିବା ହଂସମାନେ ବଡ଼ ଦୁଷ୍ଟାମି କରୁଛନ୍ତି । ମତେ ମାନୁନାହାନ୍ତି । ତୁମେସବୁ ଏଇକ୍ଷଣି ଯାଇ ସେମାନଙ୍କୁ ମାରିଦିଅ ଓ ମଲା ହଂସଗୁଡ଼ାକୁ ମୋ ପାଖକୁ ନେଇଆସ ।’’

ରାଜାଙ୍କ କଥା ଶୁଣିବା ପରେ ଚାକରମାନେ ଠେଙ୍ଗାବାଡ଼ି ଧରି ପୋଖରୀ ଆଡ଼କୁ ଦଉଡ଼ିଲେ । ଏହି ସମୟରେ ରାଜାଙ୍କ ଲୋକମାନେ ଠେଙ୍ଗାବାଡ଼ି ନେଇ ପୋଖରୀଆଡ଼େ ଆସୁଥିବା ଗୋଟିଏ ବୁଢ଼ା ହଂସ ଦୂରରୁ ଦେଖିନେଲା । ସେ ହଂସମାନଙ୍କୁ ଡାକି କହିଲା, ‘‘ଆରେ, ଶୀଘ୍ର ଏଠାରୁ ପଳାଇଚାଲ । ରଜାଘର ଚାକରମାନେ ଆମକୁ ମାରିବାକୁ ଆସୁଛନ୍ତି । ଏଠାରେ ରହିଲେ ଆମେ ସମସ୍ତେ ମାଡ଼ଖାଇ ମରିବା । ଚାଲ, ଆଉ ଏକ ପୋଖରୀକୁ ଉଡ଼ି ପଳାଇବା ।’’

ବୁଢ଼ା ହଂସର କଥା ଶୁଣି ହଂସମାନେ ଡରରେ ଛାନିଆ ହୋଇ ଆଉ ଏକ ପୋଖରୀକୁ ଉଡ଼ି ପଳାଇଲେ । ରାଜାଙ୍କ ଚାକରମାନେ ପହଞ୍ଚି ଦେଖିଲେ ଯେ, ପୋଖରୀରେ ଗୋଟିଏ ହେଲେ ହଂସ ନାହିଁ ।

ସୁନାପକ୍ଷୀଥିବା ହଂସମାନେ ସୁନାପକ୍ଷୀକୁ ଦୟାକରି ପୋଖରୀରେ ରହିବାକୁ ଦେଇଥିଲେ, ସେ ସେମାନଙ୍କ ନାମରେ ରାଜାଙ୍କ ପାଖରେ ଖଚ କହିନଥାନ୍ତା । ତାହା ହୋଇଥିଲେ ସୁନା ହଂସମାନଙ୍କୁ ନିଜର ନିରାପଦ ଘର ଛାଡ଼ିବାକୁ ପଡ଼ିନଥାନ୍ତା ।

ତେଣୁ ‘ସ୍ୱାର୍ଥପର ନହୋଇ ପରକୁ ଦୟାକରିବା ଉଚିତ ।’

ଧାର୍ମିକ କପୋତ କପୋତୀ

ଜଣେ ଶିକାରୀ ଥିଲା । ସେ ନିତି ବଣ ଭିତରେ ବୁଲି ଚଢ଼େଇ ଶିକାର କରେ । ସେ ଭଲମଣିଷ ହୋଇନଥିବାରୁ ଗାଁରେ

Digitized by srujanika@gmail.com

ତାକୁ କେହି ଭଲପାଉନଥିଲେ। ତା' ଘରକୁ କେହି କେବେ ଆସୁନଥିଲେ କି ସେ କାହା ଘରକୁ ଯାଉନଥିଲା।

ଦିନେ ସେଇ ଶିକାରୀ ପଞ୍ଜୁରୀ, ଜାଲ ଓ ବାଡ଼ିଟିଏ ଧରି ଶିକାର ପାଇଁ ବଣକୁ ଗଲା। ବଣରେ ବୁଲୁବୁଲୁ ସେ ଗୋଟିଏ କପୋତୀକୁ ଧରି ପଞ୍ଜୁରୀ ଭିତରେ ରଖିଲା। କପୋତୀଟି ଆହାର ଖୋଜିବାକୁ ଆସି ଶିକାରୀ ହାତରେ ଧରାପଡ଼ିଥିଲା। ତେଣେ କପୋତ ଗୋଟିଏ ଗଛ ଉପରେ ବସି କପୋତୀର ଫେରିବା ବାଟକୁ ଚାହିଁରହିଥିଲା।

ଶିକାରୀଟି ଆଉରି ଚଢ଼େଇ ଧରିବ ବୋଲି ବଣ ଭିତରେ ବୁଲିଲା। ସେ ବଣରେ ବୁଲୁଥିବା ବେଳେ ଝଡ଼ବର୍ଷା ମାଡ଼ିଆସିଲା ଓ ଜୋର୍‌ରେ ପବନ ବୋହିଲା। ଶିକାରୀଟି ଶୀତରେ ଥରୁଥରୁ ହୋଇ କପୋତ ରହୁଥିବା ଗଛମୂଳରେ ପହଞ୍ଚିଲା। ସେ ସେଠାରେ ଠିଆହୋଇ କହିଲା– "ଏ ଗଛଉପରେ ଯିଏ ଅଛ ମତେ ଶୀତରୁ ରକ୍ଷାକର ଓ କ'ଣ ଖାଇବାକୁ ଦିଅ। ନୋହିଲେ ମୁଁ ମରିଯିବି।"

ସେହି ଗଛରେ ବସିଥିବା କପୋତ ତା'ର କପୋତୀ ଫେରି ଆସିନଥିବାରୁ ଦୁଃଖରେ କାନ୍ଦୁଥିଲା। ଝଡ଼ ବର୍ଷାରେ କପୋତୀ କେଉଁଠି ରହିଲା ବୋଲି ସେ ଚିନ୍ତା କରୁଥିଲା। କପୋତର କାନ୍ଦଣା ଶୁଣି ପଞ୍ଜୁରୀ ଭିତରୁ କପୋତୀ କହିଲା– "ମୁଁ ଏଇ ଶିକାରୀର ପଞ୍ଜୁରୀ ଭିତରେ ବନ୍ଦୀହୋଇ ରହିଛି। ତୁମେ ମୋ ପାଇଁ ଦୁଃଖ କରନାହିଁ। ଶିକାରୀ ମତେ ପଞ୍ଜୁରୀରେ ରଖିଛି ବୋଲି ତୁମେ ତା' ଉପରେ ରାଗିବ ନାହିଁ। ସେ ଶୀତରେ ଥରୁଛି ଓ ଭୋକରେ ଆଉଟୁପାଉଟୁ ହେଉଛି। ତୁମେ ଚେଷ୍ଟାକରି ତା'ର କଷ୍ଟ ଦୂରେ କରିବା ଉଚିତ। ସେ ବିପଦରେ ପଡ଼ି ତୁମର ସାହାଯ୍ୟ ମାଗୁଛି। ତାକୁ ସାହାଯ୍ୟ କଲେ ତୁମର ଧର୍ମ ହେବ।"

Digitized by srujanika@gmail.com

କପୋତୀର କଥା ଶୁଣି କପୋତ ଶିକାରୀ ଉପରେ ଆଉ ରାଗନକରି ତାକୁ ଦୟାକଲା । ସଙ୍ଗେ ସଙ୍ଗେ ଉଡ଼ିଯାଇ ଗୁଡ଼ିଏ ଅଙ୍ଗାର ଗୋଟେଇ ଆଣିଲା । ସେଥିରେ ନିଆଁ ଲଗାଇ ତା'

Digitized by srujanika@gmail.com

ଉପରେ ଶୁଖିଲା ପତ୍ରଗୁଡ଼ିଏ ପକାଇଦେଲା । ଦେଖୁ ଦେଖୁ ନିଆଁ ହୁତୁହୁତୁ ହୋଇ ଜଳିବାକୁ ଲାଗିଲା । କପୋତ ଶିକାରୀକୁ କହିଲା– ''ଭାଇ, ତୁମେ ଏଇ ନିଆଁରେ ଦେହକୁ ସେକିନେଲେ ତୁମର ଶୀତକଷ୍ଟ ଦୂର ହେବ ।'' ଶିକାରୀ ସେଇ ନିଆଁରେ ନିଜ ଦେହକୁ ସେକି ଶୀତରୁ ରକ୍ଷାପାଇଲା ।

ତା'ପରେ କପୋତ ତାକୁ କହିଲା– ''ଭାଇ ! ମୁଁ ବଣର ସାମାନ୍ୟ ଚଢ଼େଇଟିଏ । ମୋ ପାଖରେ ତୁମକୁ ଖାଇବାକୁ ଦେବାଭଳି କିଛି ପଦାର୍ଥ ନାହିଁ। ତେଣୁ ମୁଁ ତୁମକୁ ମୋ ଦେହର ମାଂସ ଖାଇବାକୁ ଦେବି। ତୁମେ ତାହା ଖାଇ ତୁମର ଭୋକ ଦୂର କରିବ ।'' ଏପରି କହି କପୋତ ସଙ୍ଗେ ସଙ୍ଗେ ନିଆଁକୁ ଡେଇଁପଡ଼ିଲା ।

ତାହା ଦେଖି ଶିକାରୀର ମନରେ ଭାରି ଦୁଃଖ ହେଲା । ସେ ଭାବିଲା, 'ମୋ ଭଳି ପାପୀ ଏ ଦୁନିଆରେ ଆଉ କେହି ନଥିବେ। ଜୀବନଯାକ ପଶୁ ପକ୍ଷୀ ଶିକାର କରି ମୁଁ ବହୁତ ପାପ କରିଚି। ଏଇ ଚଢ଼େଇଟି ମୋର କଷ୍ଟ ଦୂର କରିବା ପାଇଁ ନିଜକୁ ବଳିଦେଲା। ସେ ମତେ ଦୟାକରି କେତେ ଧର୍ମ କଲା, ଅଥଚ ମୁଁ ନିତି ପାପକାମ କରୁଛି।'

ଏପରି ଚିନ୍ତାକରି ଶିକାରୀ ପଞ୍ଜୁରୀର କବାଟ ଫିଟାଇ କପୋତୀକୁ ଛାଡ଼ିଦେଲା । ସେ ତା'ର ଜାଲ ଓ ପଞ୍ଜୁରୀକୁ ଫିଙ୍ଗିଦେଲା । ଶପଥ କଲା ଯେ, ଆଉ କେବେ ଶିକାର କରିବ ନାହିଁ, ଧର୍ମ ବାଟରେ ରହିବ ।

କପୋତୀ ପଞ୍ଜୁରୀରୁ ବାହାରିଆସି ତା' କପୋତର ପୋଡ଼ା ଦେହକୁ ଦେଖି ଭାରି କାନ୍ଦିଲା। ସେ ଭାବିଲା– 'ମୋ ଜୀବନରେ ଆଉ କି ସୁଖ ଅଛି ଯେ ମୁଁ ବଞ୍ଚିରହିବି ?' ଏପରି ବିଚାର କରି କପୋତୀ ମଧ୍ୟ ନିଆଁକୁ ଡେଇଁପଡ଼ି ପ୍ରାଣହରାଇଲା ।

Digitized by srujanika@gmail.com

ଦେବତାମାନେ ଆକାଶରେ ଥାଇ ସବୁ ଘଟଣା ଦେଖୁଥିଲେ। ସେମାନେ କପୋତ ଓ କପୋତୀଙ୍କ ପାଇଁ ରଥ ପଠାଇଦେଲେ। ସେଇ ରଥରେ ବସି ସେ ଦୁହେଁ ସ୍ୱର୍ଗକୁ ଗଲେ।

ତାହା ଦେଖି ଶିକାରୀଟିର ମନ ପୂରା ବଦଳିଗଲା। ସେ ଆଉ ବଞ୍ଚି ରହିବାକୁ ମନ କଲାନାହିଁ। ଏତିକିବେଳେ ଜଙ୍ଗଲରେ କାହୁଁ ନିଆଁ ଲାଗିଗଲା। ଶିକାରୀ ସେଇ ନିଆଁକୁ ଡେଇଁପଡ଼ି ପ୍ରାଣ ହରାଇଲା। ତା'ର ସବୁ ପାପ ପୋଡ଼ିଯିବାରୁ ସେ ବି ସ୍ୱର୍ଗକୁ ଗଲା।

କପୋତ ଓ କପୋତୀ ଶତ୍ରୁର ସେବା କରିଥିଲେ। ତେଣୁ 'ଶତ୍ରୁ ମଧ୍ୟ ଯଦି ଘରକୁ ଅତିଥି ଭାବରେ ଆସେ, ତେବେ ତା'ର ସେବାଯତ୍ନ କରିବା ଉଚିତ।'

ଯାହା ପାଇଁ ଯିଏ

ଥରେ ଜଣେ ଋଷି ନଦୀକୂଳରେ ବସି ତପସ୍ୟା କରୁଥିଲେ। ସେତିକିବେଳେ ଚିଲଟିଏ ଗୋଟିଏ ମାଇମୂଷାକୁ ପାଟିରେ ଧରି ଉଡ଼ିଯାଉଥିଲା। ମୂଷାଟି ଚିଲ ମୁହଁରୁ ଖସି ଋଷିଙ୍କ ପାଦ ପାଖରେ ପଡ଼ିଲା। ଋଷି ମୂଷାଟିର ସେବାକରି ବଞ୍ଚାଇଲେ। ମୂଷାଟି ବଞ୍ଚିଯାଇ ମୁନିଙ୍କ ଶରଣ ପଶିଲା।

ଋଷି ମୂଷାଟିକୁ ଘରକୁ ନେଇ କିପରି ଯିବେ ବୋଲି ଚିନ୍ତା କଲେ। ସେ ଏକ ମନ୍ତ୍ର ପଢ଼ିବାରୁ ମାଇମୂଷାଟି ଝିଅଟିଏ ପାଲଟିଗଲା। ଋଷି ତାକୁ ସାଙ୍ଗରେ ନେଇ ନିଜ ଘରକୁ ଗଲେ। ସେ ତାଙ୍କର ସ୍ତ୍ରୀଙ୍କୁ ସବୁକଥା ଜଣାଇ କହିଲେ– "ମୁଁ ପୁଣି ଏହାକୁ ମୂଷାଟିଏ କରିଦେଉଚି। ତୁମେ ତାକୁ ଘରେ ରଖି ପାଳିବ।"

Digitized by srujanika@gmail.com

ଏହାଶୁଣି ଋଷିଙ୍କ ସ୍ତ୍ରୀ କହିଲେ– "ମୂଷାଟି ଝିଅ ହୋଇ ରହୁ। ଆମର ତ ପୁଅ ଝିଅ ନାହାନ୍ତି, ଆମେ ଏହାକୁ ଝିଅକରି ପାଳିବା। ସେ ବଡ଼ହେଲେ ତାକୁ ବିଭାଦେବା।" ଋଷି ସ୍ତ୍ରୀଙ୍କ କଥାରେ ରାଜିହେଲେ। ମୂଷା ଝିଅ ହୋଇ ସେଠାରେ ଆନନ୍ଦରେ ରହିଲା।

ଝିଅଟିର ବିବାହ ବୟସ ହେଲା। ଋଷି ମନେ ମନେ ଭାବିଲେ– 'ଝିଅ ଯେଉଁ ବରକୁ ପସନ୍ଦ କରିବ ତାକୁ ବାହାହେବ।' ଝିଅ କାହାକୁ ବିଭାହେବାକୁ ପସନ୍ଦ କରୁଚି ବୋଲି ଋଷି ଝିଅଟିକୁ ପଚାରିଲେ। ଝିଅ କହିଲା– ସେ ଏ ସଂସାରର ସବୁଠୁ ବଳବାନ୍ ଲୋକକୁ ବିଭାହେବ। ଝିଅ କଥା ଶୁଣି ଋଷି ମନ୍ତ୍ରଟିଏ ପଢ଼ିଲେ। ସଙ୍ଗେ ସଙ୍ଗେ ନିଜେ ସୂର୍ଯ୍ୟଦେବତା ଆସି ତାଙ୍କ ଆଗରେ ଠିଆହୋଇଗଲେ। ଋଷି ଝିଅକୁ ଡାକି ସୂର୍ଯ୍ୟଦେବତାଙ୍କୁ ଦେଖାଇଲେ। ଝିଅକୁ ପଚାରିଲେ– "ଏଇ ବର ତୋ ମନକୁ ପାଉଛି କି?"

ଝିଅ ଉତ୍ତର ଦେଲା– "ବାପା! ଏହାଙ୍କ ତେଜରେ ମୋ ଦେହ ପୋଡ଼ିଯାଉଛି। ତେଣୁ ମୁଁ ଏହାଙ୍କୁ କିପରି ବିଭାହେବି? ତୁମେ ଆଉ କାହାକୁ ଆଣ।"

ଝିଅର କଥା ଶୁଣିବା ପରେ ଋଷି ସୂର୍ଯ୍ୟଦେବତାଙ୍କୁ ପଚାରିଲେ– "ଏଇ ସଂସାରେ ତୁମଠାରୁ କିଏ ବଡ଼?" ସୂର୍ଯ୍ୟ ଉତ୍ତର ଦେଲେ– "ମୋ ଠାରୁ ମେଘ ବଡ଼, କାରଣ ସେ ମୋତେ ଘୋଡ଼ାଇପକାନ୍ତି।" ସୂର୍ଯ୍ୟ ଏହା କହି ଫେରିଗଲେ।

ଋଷି ତା'ପରେ ମନ୍ତ୍ର ପଢ଼ି ମେଘକୁ ଡାକିଆଣିଲେ। ମେଘ କଳା ବୋଲି ଝିଅ ତାଙ୍କୁ ବିଭାହେବନାହିଁ ବୋଲି କହିଲା। ଋଷି ପଚାରିବାରୁ ମେଘ କହିଲା– "ପବନ ଦେବତା ମୋଠାରୁ ବଡ଼, କାରଣ ସେ ମତେ ଉଡ଼ାଇନିଅନ୍ତି।" ଏହାକହି ମେଘ ସେଠାରୁ ଚାଲିଗଲେ।

ତା'ପରେ ଋଷି ପବନ ଦେବତାଙ୍କୁ ଡାକିଆଣିଲେ। ତାଙ୍କୁ

Digitized by srujanika@gmail.com

Digitized by srujanika@gmail.com

ଦେଖିଲା ପରେ ଝିଅ କହିଲା– "ଏହାଙ୍କର ବଳ ଥିଲେ କ'ଣ ହେବ, ଏହାଙ୍କର ମନ ବଡ଼ ଚଞ୍ଚଳ। ଯାହାର ମନ ସବୁବେଳେ ଚଞ୍ଚଳ, ମୁଁ ତାଙ୍କୁ କିପରି ବିଭାହେବି ?"

ଏହା ଶୁଣି ଋଷି ତାଙ୍କଠାରୁ କିଏ ବଡ଼ ବୋଲି ପବନ ଦେବତାଙ୍କୁ ପଚାରିବାରୁ ସେ କହିଲେ– "ପର୍ବତ ମୋ ଠାରୁ ବଡ଼। କାରଣ ମୁଁ ତାକୁ ଟଳାଇ ପାରେନାହିଁ। ତୁମେ ତାଙ୍କୁ ଡାକିପାର।" ଏହାକହି ସେ ଚାଲିଗଲେ। ଋଷି ପବନ ଦେବତାଙ୍କ କଥାରେ ପର୍ବତକୁ ଡାକିଆଣିଲେ। ପର୍ବତକୁ ଦେଖି ଝିଅ କହିଲା– "ଏହାଙ୍କର ଦେହଟା ଟାଣ। ଏ ପୁଣି ଜୀବନ ନଥିଲାପରି ଦେଖାଯାଉଛନ୍ତି। ମୁଁ ଏହାଙ୍କୁ ବିଭାହେବିନାହିଁ। ତୁମେ ଆଉ କାହାକୁ ମୋ ପାଇଁ ଠିକ୍ କର।"

ଋଷି ପର୍ବତଙ୍କୁ ପଚାରିଲେ ତାଙ୍କଠାରୁ ବଡ଼ କିଏ। ପର୍ବତ କହିଲେ ଯେ, ତାଙ୍କଠାରୁ ମୂଷାମାନଙ୍କର ରାଜା ବଡ଼। କାରଣ ସେ ତାଙ୍କ ଦେହ ଖୋଳି ଗାତ କରିଦେଇପାରନ୍ତି।

ପର୍ବତ ଚାଲିଯିବା ପରେ ଋଷି ମନ୍ତ୍ର ପଢ଼ିବାରୁ ମୂଷାମାନଙ୍କ ରାଜା ଆସିଲେ। ତାଙ୍କୁ ଦେଖି ଝିଅଟି ଖୁସିହୋଇ ଋଷିଙ୍କୁ କହିଲା– "ଏଇ ମୂଷାରାଜାଙ୍କୁ ମୁଁ ବିଭାହେବି।"

ଏହା ଶୁଣି ଋଷି ଝିଅକୁ ପୁଣି ଗୋଟିଏ ମାଈମୂଷା କରିଦେଲେ। ମୂଷାରାଜାଙ୍କ ସାଙ୍ଗରେ ମାଈମୂଷାଟିର ବିଭାଘରହେଲା।

ଝିଅଟି ଗୋଟିଏ ମୂଷା ଥିବାରୁ ସେ ସୂର୍ଯ୍ୟ, ମେଘ, ପବନ, ଓ ପର୍ବତଙ୍କ ଭିତରୁ କାହାକୁ ହେଲେ ବିଭାହେବାକୁ ରାଜିହୋଇନଥିଲା। କାରଣ ସେମାନେ କେହି ତା'ର ଜାତିର ନଥିଲେ। ମୂଷାରାଜାଟି ତା'ର ଜାତିର ହୋଇଥିବାରୁ ସେ ତାଙ୍କୁ ବିଭାହେଲା। ତେଣୁ କେହି କାହାରି ଜାତିକୁ ଛାଡ଼ିପାରେନାହିଁ।

Digitized by srujanika@gmail.com

ବାଘ ଚମଡ଼ାରେ ଗଧ ମଲା

ଜଣେ ଧୋବାର ଗଧଟିଏ ଥିଲା । ସେ ତାକୁ ପେଟପୂରା ଖାଇବାକୁ ଦେଇପାରୁନଥିଲା । ତେଣୁ ଗଧଟା ଦିନକୁଦିନ ଦୁର୍ବଳ ହୋଇଯାଉଥିଲା ଓ ବୋଝ ଭଲ ବୋହି ପାରୁ ନଥିଲା । ଦିନେ ଧୋବା ବଣ ଭିତରେ ଯାଉ ଯାଉ ଗୋଟିଏ ମଲାବାଘ ଦେଖିଲା । ସେ ଭାବିଲା – 'ବାଘର ଛାଲଟାକୁ ନେଇ ଗଧ ଉପରେ ଭଲକରି ବାନ୍ଧିଦେବ ଓ ତାକୁ ଧାନ ବିଲରେ ରାତିରେ ଛାଡ଼ିଦେବ । ତାହେଲେ ଲୋକେ ତାକୁ ବାଘ ବୋଲି ଭାବି ଡରିବେ ଓ ତଡ଼ିବାକୁ ଯିବେ ନାହିଁ । ଗଧ ମନଇଚ୍ଛା ପେଟଭରି ଧାନ ଫସଲ ଖାଇପାରିବ । ମତେ ଆଉ ଗଧର ଦାନା ପାଇଁ ଚିନ୍ତା କରିବାକୁ ପଡ଼ିବ ନାହିଁ' ।

ଏଇପରି ଭାବି ଧୋବା ବାଘଛାଲଟି ଘରକୁ ଆଣିଲା । ସେ ନିତି ରାତିରେ ଗଧ ଉପରେ ସେଇ ଛାଲଟିକୁ ଘୋଡ଼ାଇ ଦେଇ ତାକୁ ବିଲରେ ଛାଡ଼ିଦିଏ । ଲୋକମାନେ ତାକୁ ବାଘ ଭାବି ଡରରେ ପଳାଇଯା'ନ୍ତି । ଗଧ ମନ ଖୁସିରେ ପେଟେ ଧାନ ଫସଲ ଖାଇ ଘରକୁ ଫେରିଆସେ ।

ଦିନେ କ'ଣ ହେଲା ନା, ଗଧଟା ବିଲରେ ପଶି ଫସଲ ଖାଉଥିବା ବେଳେ ଦୂରରେ ଗୋଟିଏ ମାଈଗଧ ବୋବାଇଲା । ଗଧ ତାହା ଶୁଣି ଭାରି ଖୁସିହୋଇଗଲା ଓ ନିଜେ ବୋବାଇବାକୁ ଲାଗିଲା । ତା'ର ବୋବାଳି ଶୁଣି ଲୋକମାନେ ଜାଣିଗଲେ ଯେ ଜନ୍ତୁଟା ବାଘ ନୁହେଁ, ଗୋଟାଏ ଗଧ । ତା'ପରେ ସେମାନେ ବିଲରେ ପଶି ଠେଙ୍ଗାରେ ପିଟିପିଟି ସେଇ ଗଧଟାକୁ ମାରିଦେଲେ ।

ମାଈ ଗଧର ବୋବାଳି ଶୁଣି ଯଦି ଗଧଟା ପାଲଟା ବୋବାଳି

Digitized by srujanika@gmail.com

ପକାଇନଥାନ୍ତା, ତେବେ ସେ ମରିନଥାନ୍ତା। ସେ ଯଦି ପାଟି ଖୋଲିନଥାନ୍ତା, ତେବେ ତାକୁ ଗଧ ବୋଲି କେହି ଜାଣିପାରିନଥାନ୍ତେ।

Digitized by srujanika@gmail.com

ବେଳେବେଳେ ପାଟି ଖୋଲିଲେ ବିପଦ ପଡ଼େ ଓ ମଉନ ହୋଇ ରହିଲେ ବିପଦ ଆସେନାହିଁ। ତେଣୁ 'ଭଲମନ୍ଦ ବିଚାର ନକରି ସବୁକଥାରେ ପାଟି ଖୋଲିବା ଉଚିତ ନୁହେଁ'।

□ □ □

Digitized by srujanika@gmail.com